# Akashvani, Sambalpur

## SAMBALPURI NEWS MORNING BULLETIN

## 3 September 2026 - 6.47- 6.52 am.

---

ଏନ୍‌ଏସି ପେକେଜ୍ ଘୋଷ୍‌ନା          ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ରାଏଜେ ନୂଆକରି ଗଠନ୍ ହେଇଥିବା ୨୮ ଟା ଏନ୍‌ଏସିର ବିକାଶ୍ ଲାଗି ୫ ଶହ ୬୦ କୋଟି ଟଙ୍କାର୍ ଖାସ୍ ପେକେଜ୍ ଘୋଷ୍‌ନା କରାଯାଇଛେ । ଫି’ ଏନ୍‌ଏସି ଲାଗି ୨୦ କୋଟି ଟଙ୍କା ଦିଆଯିବା । ପୌର କାର୍ଯ୍ୟାଳୟ, ରାସ୍ତା, ଡ୍ରେନ୍, ମୋଡ଼େଲ୍ ମାର୍କେଟ, ସହରୀ ହାଟ୍, ଜଳାଶୟ ଉନ୍ନୟନ୍, ଷ୍ଟ୍ରିଟ୍ ଲାଇଟ୍, ସ୍ୱଛତା ବାଗିର୍ ଭିନ୍ ଭିନ୍ ଉନ୍ନୟନ୍ କାମ୍ ଲାଗି ଇ ଅର୍ଥ ଖର୍ଚ୍ଚା କରାଯିବା । ନୂଆଁ ଏନ୍‌ଏସି ମାନ୍‌କୁ ସୁନ୍ଦର୍, ସ୍ୱଛ ଆଉ ସବୁ ପ୍ରକାରର୍ ସୁବିଧା ଥିବା ବନାଯିବାର୍ ଲକ୍ଷ୍ୟ ରଖାଯାଇଛେ ବଲି ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଇତାର୍‌ସହେତେ ୬୨ ଟା ପୌରାଂଚଳ୍ ଲାଗି ମୁଖ୍ୟମନ୍ତ୍ରୀ ସହରୀବିକାଶ୍ ଯୋଜ୍‌ନାଥି ୩ ଶହ ୨୩ କୋଟି ଟଙ୍କାର୍ ୫ ଶହ

୯୩ ଟା ପ୍ରକଳ୍ପର୍ ଶୁଭାରମ୍ଭ ହେଇଛେ ବଲି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ସାର୍ ଯୋଗାଣ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଲ୍‌ତି ଖରିଫ୍ ୨୦୨୬-୨୭ ଋତୁଥି କୃଷକ୍ ମାନ୍‌କୁ ସାର୍‌ର ଠିକ୍ ଭାବେ ଯୋଗାଣ୍‌କେ ସୁନିଶ୍ଚିତ୍ କର୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ବ୍ୟାପକ୍ ବ୍ୟବସ୍ଥା କରାଯାଇଛେ । ସାରର୍ କଳାବଜାରୀ ଆଉ ବେଆଇନ୍ ଚାଲାଣ୍‌କେ ଅଟ୍‌କାବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଶୂନ୍ୟ ସହନଶୀଳ ନୀତି ଅପ୍‌ନେଇଛନ୍ । ସାର୍‌ର କଳାବଜାରୀ ଆଉ ଖରାପ୍ ମାନର ସାର ଯୋଗାଣ୍ ବାଗିର୍ ଭିନ୍ ଭିନ୍ ଅର୍ଥନୈତିକ୍ କାର୍ଯ୍ୟକଳାପକେ ଅଟ୍‌କାବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଜିଲ୍ଲା ଆଉ ବ୍ଲକ୍ ସ୍ତର୍ ନ ଏନ୍‌ଫୋର୍ସମେଂଟ୍ ସ୍କ୍ୱାର୍ଡ ଗଠନ୍ କରାଯାଇଛେ । ରାଜସ୍ୱ, କୃଷି ଆଉ ପୁଲିସ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନ୍‌କୁ ନେଇକରି ନିରୀକ୍ଷଣ୍ ଦଲ୍ ଆଉ ଫ୍ଲାଇଂ ସ୍କ୍ୱାର୍ଡ଼ ଗଠନ୍ କରାଯାଇଛେ । ଇ ଦଲ୍ ସବୁ ଭିନ୍ ଭିନ୍ ପାଇକାରୀ ଆଉ ଖୁଚୁରା ସାର୍ ଦୁକାନ୍ ମାନ୍‌କେ ନିୟମିତ୍

ଭାବେ ଚଢ଼ଉ କରିଛନ୍ । ଚଲ୍‌ତି ଆର୍ଥିକ୍ ବଛ୍‌ରେ ଏବ୍‌ତକ୍ ସାରା ରାଏଜେ ୧୧ ହଜାର୍ ୬ ଶହ ୮୪ ଟା ସାର୍ ଦୁକାନ୍ ଉପ୍‌ରେ ଚଢ଼ଉ କରାଯାଇକରି ୨ ହଜାର୍ ୭ ଶହ ୭୪ ଝନ୍‌କୁ କାରଣ୍ ଦର୍ଶାଅ ନୋଟିସ୍ ଜାରି କରାଯାଇଛେ ।

ମଡ଼ିଆ ଚାଷୀ ପଞ୍ଜିକରଣ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଚଲ୍‌ତି ୨୦୨୬-୨୭ ଖରିଫ୍ ଋତୁଥି ମଡ଼ିଆ ଘିନ୍‌ବାର୍ ଲାଗି ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ଜାରି ରହିଛେ ।  ମଡ଼ିଆ ଚାଷୀମାନେ କୃଷକ୍ ସଂଗଠନ୍, ପେକ୍ସ, ଲେମ୍ପସ୍, କି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଏ ଆଏବା ୧୫ ତାରିଖ୍ ଭିତ୍‌ରେ ପଞ୍ଜିକରଣ୍ କରାବାର୍‌କେ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ଚଲ୍‌ତି ବଛର୍ ଖରିଫ୍ ମଡ଼ିଆ ଘିନା ୨୦୨୭ ମସିହା ଜାନୁଆରୀ ୧ ତାରିଖ୍‌ନୁ ମୁଲ୍ ହେଇକରି ୩୧ ମାର୍ଚ୍ଚ ତକ ଚାଲ୍‌ବା । ଚାଷୀମାନେ ଅଏତ୍‌କା ସୂଚ୍‌ନା ପାଏବାର୍ ଲାଗି ପାଶର୍ କୃଷି କାର୍ଯ୍ୟାଳୟ ନାହେତ କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫-

୩୩୩ ଥି ଯୋଗାଯୋଗ୍ କର୍‌ବାର୍‌କେ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଶକ୍ତି ସମ୍ମିଲନୀ       ଆଇ ଆଣ୍ଡ୍ ପି.ଆର୍

ଜାତୀୟ ମହିଳା କମିଶନ୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଭୁବ୍‌ନେଶ୍ୱର୍ ନ ଚାଲିଥିବା ଶକ୍ତି ସମ୍ମିଲନୀ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଇ ଅବ୍‌ସରେ ତାଲିମ୍ ପାଇଥିବା ପାଖାପାଖି ୩ ଶହ ଏସ୍‌ଏଚ୍‌ଜି ମହିଲାଙ୍କୁ ନେଇକରି ଭୁବ୍‌ନେଶ୍ୱର୍ ଠାନେ ଗୁଟେ ଭବ୍ୟ ଶକ୍ତି ସୋ'ର ଆୟୋଜନ୍ କରାଯାଇଥିଲା । ଜାତୀୟ ମହିଳା କମିଶନ୍‌ର ଅଧ୍ୟକ୍ଷା ବିଜୟା ରାହତ୍‌କର୍, ମିଶନ୍ ଶକ୍ତି ଆଉ ଡବ୍ଲୁସିଡି ବିଭାଗ୍‌ର ଅଧିକାରୀ ଆଉ ୨୨ ଟା ରାଜ୍ୟର୍ ପ୍ରତିନିଧିଙ୍କର୍ ଉପସ୍ଥିତିଥି ପ୍ରମାଣ୍‌ପତ୍ର ବଂଟନ୍ କରାଯାଇଛେ । ଉଦ୍‌ଯାପନୀ ସମାରୋହଥି ରାଜ୍ୟସଭା ସାଂସଦ୍ ମନ୍‌ମୋହନ୍ ସାମଲ୍, ମୁଖ୍ୟଶାସନ୍ ସଚିବ ଅନୁ ଗର୍ଗ ପ୍ରମୁଖ୍ ଉପସ୍ଥିତ୍ ଥିଲେ ।

ମେଡ଼ିକାଲ୍ କଲେଜ୍ ନାଁଲେଖା       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସର୍କାରୀ ଆଉ ମେଡ଼ିକାଲ୍ କଲେଜ୍ ନ ଡାକ୍ତରୀ ସ୍ନାତକ ଡିଗ୍ରୀ ରାଉଣ୍ଡ୍ -୨ ନାଁଲେଖା ଆଏଜ୍ଠାନୁ ମୁଲ୍ ହେବା । ପହେଲା ସର୍ବଭାରତୀୟ କୋଟାଥି କାଉନ୍ସେଲିଂ ଚାଲ୍ବା । ତାର୍ ଉତ୍ରୁ ୭ ତାରିଖ୍ନୁ ୧୧ ତାରିଖ୍ତକ୍ ରାଜ୍ୟ କୋଟା କାଉନ୍ସେଲିଂ କରାଯିବା । ମେଡ଼ିକାଲ୍ କାଉନ୍ସେଲିଂ କମିଟି ତର୍ଫୁ ୧୯ ତାରିଖ୍ନୁ ପ୍ରମାଣ୍ପତ୍ର ଯାଂଚ୍ ହେବା । ଇନ ଜନେଇ ଦିଆଯାଇପାରେ, ରାଜ୍ୟର୍ ୧୪ ଟା ମେଡ଼ିକାଲ୍ କଲେଜ୍ ନ ମୋଟ୍ ୧୮ ଶହ ଟା ସିଟ୍ ରହିଛେ ।

ଓଟିଇଟି ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା- ଓଟିଇଟି -୨୦୨୬ ପରୀକ୍ଷାଫଲ୍ ଗଲାକାଏଲ୍ ବାହାରିଛେ । ଇଥି ମୋଟ୍ ପାସ୍ ହାର ୬୪ ଦଶ୍ମିକ୍ ୪/୮ ପ୍ରତିଶତ୍ ରହିଛେ । ପରୀକ୍ଷା ଲାଗି ୯୭ ହଜାର୍ ଶହେ ୫୧ ଝନ୍ ଛାତ୍ରଛାତ୍ରୀ ଆବେଦନ୍ କରିଥିବାର୍ ବେଲେ

୫୩ ହଜାର୍ ୩ ଶହ ୧୪ ଝନ୍ ପରୀକ୍ଷାର୍ଥୀ ପାସ୍ ହେଇଥିବାର୍ ସୂଚ୍ନା ମିଲିଛେ ।

ପ୍ରକଳ୍ପ କାର୍ଯ୍ୟାନ୍ୱୟନ୍ କମିଟି ବୈଠକ ନୂଆପଡ଼ା ସମ୍ବାଦଦାତା

ଏଡେପ୍ଟ -୪- ଆର୍ ପ୍ରକଳ୍ପର୍ ଅଗ୍ରଗତି ଆଉ ଆଏବା କାର୍ଯ୍ୟଯୋଜ୍ନାକେ ନେଇକରି ୨ ନମ୍ବର୍ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାନ୍ୱୟନ୍ କମିଟି ବୈଠକ୍ ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଇ ଅବ୍ସରେ  ଜୀବିକା, ଜଲ୍ବାୟୁ ସହନ୍ଶୀଳ ସମ୍ପତି ଆଉ ଭିନ୍ ଭିନ୍ ଯୋଜ୍ନାର୍ ତାଲ୍ମେଲ୍କେ ନେଇକରି ସମୀକ୍ଷା ହେଇଛେ । ଯୋଗ୍ୟ ହିତାଧିକାରୀମାନ୍କର୍ ନିକେ ଯୋଜ୍ନା ପହଁଚାବାର୍କେ ସୁନିଶ୍ଚିତ୍ କର୍ବାର୍ ବାବ୍ଦେ ଜିଲ୍ଲାପାଲ୍ ଜୋର୍ ଦେଇଥିଲେ ।

ନିଯୁକ୍ତି ଅଭିଯାନ୍           ହି.ସ.

ଚାକିରୀ ଆଶାୟୀ ପ୍ରାର୍ଥୀମାନ୍କୁ ଭିନ୍ ଭିନ୍ ଘରୋଇ କମ୍ପାନୀମାନ୍କେ ନିଯୁକ୍ତି ସୁଯୋଗ୍ ଦେବାର୍ ଉଦ୍ଦେଶ୍ୟଥି ଆଏବା ୫

ତାରିଖ୍ ଶନିବାର୍ ଦିନ ଝାର୍ସୁଗୁଡ଼ା ଜିଲ୍ଲା ନ ଗୁଟେ ନିଯୁକ୍ତି ଅଭିଯାନ୍ର ଆୟୋଜନ୍ କରାଯାଇଛେ । ଇ ଅଭିଯାନ୍ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ -ଡିଏମ୍ଏଫ୍ ପ୍ରେକ୍ଷାଳୟ ନ ସଖାଲର୍ ସାଢ଼େ ୧୦ ବଜୁ ୨ ବଜେତକ୍ ଚାଲ୍ବା । ଆଶାୟୀ ଯୁବକ୍ ଯୁବତୀମାନେ ଧାରିଜ୍ ସମିଆ ଭିତ୍ରେ ଜରୁରୀ ଶିକ୍ଷାଗତ ପ୍ରମାଣ୍ପତ୍ର, ବାୟୋଡାଟା ଆଉ ଜରୁରୀ କାଗଜ୍ପତର୍ ସହେତେ ଉପସ୍ଥିତ୍ ରହେବାର୍କେ ପ୍ରଶାସନ୍ ତର୍ଫୁ ଅନୁରୋଧ୍ କରାଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଉତର୍ ପଶ୍ଚିମବଙ୍ଗ୍ , ଉତର୍ ସମୁଦ୍ରଖଁଡ଼ି ଓଡ଼ିଶା ଆଉ ଉତର୍ ପଶ୍ଚିମ ବଙ୍ଗୋପ୍ସାଗର୍କେ ଲାଗିକରି ଥିବା ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ୮ ଟା ଜିଲ୍ଲାକେ ଧୁକାଗର୍ଡ଼ି ଆଉ ବିଜ୍ଲି ମାରିକରି ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ଅଛେ ବଲି ଭୁବ୍ନେଶ୍ୱର୍

ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଆଏବା ହପ୍ତେତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହାଲ୍କାନୁ ମଧମ୍ ଧରଣ୍ରେ ବର୍ଷା ହେବାର୍ ସମ୍ଭାବନା ରହିଛେ ।